# ସ୍ମରଣୀୟ ପ୍ରତିଭା ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ

ମହେଶ୍ୱର ବରାଡ଼

**ଇ**ତିହାସର ନିରବଚ୍ଛିନ୍ନ ଧାରା ମହାକାଳ ବକ୍ଷରେ ଚିର ପ୍ରଭାବିତ ସଭ୍ୟତାର ଆକାଶରେ ଅନେକ ଜ୍ୟୋତିଷ୍କ ସତତ ଜାଜ୍ୱଲ୍ୟମାନ, ହେଲେ ଯୁଗ ଶତାବ୍ଦୀକୁ ଚିହ୍ନିମାନ କରି ବେଳେବେଳେ ଏମିତି ନକ୍ଷତ୍ର ସବୁ ପ୍ରତିଭାତ ହୁଅନ୍ତି, ଯା'ର ଆଲୋକ ସୁଦୂରପ୍ରସାରୀ ଦିଗ ଦିଗନ୍ତ ବ୍ୟାପୀ ଉଦୟନରେ ଏ ମାଟି ଆଲୋକିତ ଓ ଉଦ୍‌ଭାସିତ ହୁଏ ।

ଚିଲିକା ଉପକଣ୍ଠସ୍ଥ ଐତିହାସିକ ରମ୍ଭା ରାଜବାଟୀରେ ସେଦିନ ଏକ ଶିଶୁର କୁଆଁ କୁଆଁ ରାବ ଶୁଭିଲା । ତାହା ଥିଲା ବିଂଶ ଶତାବ୍ଦୀର ପହିଲି ସୂର୍ଯ୍ୟୋଦୟର ସକାଳ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ, ଯେତେବେଳେ ଓଡ଼ିଶାରେ ଖଣ୍ଡବିଖଣ୍ଡିତ ଓଡ଼ିଆ ଜାତି ଗଠନର ତଥା ସ୍ୱାଭିମାନର ଏକ ବୈପ୍ଲବିକ ଚେତନା ଅନୁଭୂତ ହେଉଥିଲା । ଖଲ୍ଲିକୋଟର ତତ୍କାଳୀନ ରାଜା ହରିହର ମର୍ଦ୍ଦରାଜ ଦେଓ ଓ ରାଣୀ କନକ ମଂଜରୀ ଔରସ ଜାତ ସନ୍ତାନ ସେଦିନ ଷଠି ଘରୁ ଶୁଣିଥିଲା ଉତ୍କଳମାତାର ମମତାମୟୀ ଲୋରୀ ସଂଗୀତ ଓ ତା' ସାଥିରେ ବିପ୍ଳବର ଏକ ମୃଦୁ ମୂର୍ଚ୍ଛନା, ଦ୍ୱିତୀୟ ବର୍ଷ ଜନ୍ମ ବାର୍ଷିକୀରେ ମଧୁବାବୁ, ଫକୀରମୋହନ, ନୀଳମଣି ବିଦ୍ୟାରତ୍ନ ଓ ଓଡ଼ିଶାର ଅନ୍ୟାନ୍ୟ ରାଜନ୍ୟ ବର୍ଗଙ୍କ ଆଶୀର୍ବାଦ ପାଇ ପରବର୍ତ୍ତୀ କାଳରେ ଏହି ଶିଶୁ କୈଶୋର ଓ ଯୌବନର ପାହାଚରେ ଛିଡ଼ା ହୋଇ ଅନିଷା କଲା ଓଡ଼ିଶାକୁ ଓ ଓଡ଼ିଆ ଜାତିକୁ ଓ ନିଜ ପୂର୍ବସୂରୀଙ୍କ ସଂଗ୍ରାମ ଓ ସଂଘର୍ଷକୁ । ମାନ୍ଦ୍ରାଜରେ ଶିକ୍ଷା ସାରି ଅତୀତ ଇତିହାସ ଜାତି ଗଠନର ଶପଥ ନେଇ ସେ ଡେଇଁ ପଡ଼ିଲେ ଜାତୀୟତାର ଆନ୍ଦୋଳନକୁ । ରାଜକୀୟ କାଇଦା କାନୁନ୍ ତାଙ୍କୁ ବାନ୍ଧି ରଖିପାରିଲା ନାହିଁ । ମଣିଷର ସେବାରେ ଓଡ଼ିଆ ଜାତିର ସେବାରେ, ସେ ନିୟୋଜିତ କରିଥିଲେ ନିଜକୁ ।

ଖଲ୍ଲିକୋଟ ରାଜବଂଶର ଯୋଗ୍ୟ ଉତ୍ତରାଧିକାରୀ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ପିତା ସ୍ୱର୍ଗତଃ ହରିହର ମର୍ଦ୍ଦରାଜଙ୍କ ମୃତ୍ୟୁ ପରେ ୧୯୨୧ ମସିହା ଜାନୁଆରୀ ମାସ ୧୪ ତାରିଖରେ ରାଜ୍ୟଭାର ଗ୍ରହଣଯୋଗ୍ୟ ଉତ୍ତରଦାୟଦ ସ୍ୱରୂପ ନିଜ ପ୍ରତିଭାକୁ କର୍ମକ୍ଷେତ୍ରରେ ବିନିଯୋଗ କଲେ । ୧୯୨୨ ମସିହାରେ ଗଞ୍ଜାମ ଜିଲ୍ଲା ବୋର୍ଡ଼ ସଭାପତି, ୧୯୨୩ ମସିହାରେ ମାନ୍ଦ୍ରାଦ ଲାଟ୍‌ସଭାର ସଦସ୍ୟ ଥାଇ ଚିକିତ୍ସାଳୟ, ବିଦ୍ୟାଳୟ, ରାସ୍ତାଘାଟ ଅନେକ ସେତୁ ଆଦି ନିର୍ମାଣ କରିଥିଲେ ।

ମାନ୍ଦ୍ରାଜ ପ୍ରେସିଡେନ୍ସି ଅନ୍ତର୍ଗତ ସମଗ୍ର ଓଡ଼ିଶା ଅଞ୍ଚଳ ବୁଲି ଜନକଲ୍ୟାଣ କାର୍ଯ୍ୟ କରାଯାଇଥିଲେ । ଇଂରେଜ ସରକାରଙ୍କ ତରଫରୁ ଗଠିତ ଫିଲିଫ ଡଫ୍ କମିଟିକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦାବି ପତ୍ର ଦେଲେ । ୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ସକାଶେ ଓଡ଼ନେଲ୍ କମିଟିରେ ଦାବି ପ୍ରଦାନ, ସ୍ୱରାଜ ଆନ୍ଦୋଳନ ପରିପ୍ରେକ୍ଷୀରେ ଗାନ୍ଧିଜୀଙ୍କୁ ରମ୍ଭା ରାଜବାଟୀରେ ଭବ୍ୟ ଆତିଥେୟ ପ୍ରଦାନ ତାଙ୍କ ଦେଶପ୍ରେମ ଓ ସହୃଦୟତାର ପରିଚାୟକ । ୧୯୩୨ ମସିହା ଅଗଷ୍ଟ ମାସ ୨ ତାରିଖରେ ମାନ୍ଦ୍ରାଜ କାଉନ୍‌ସିଲ୍‌ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ ପାଇଁ ସାରଗର୍ଭକ ଭାଷଣ ପ୍ରଦାନ ପୂର୍ବକ ଦକ୍ଷିଣ ଭାରତ ଜମିଦାରଙ୍କ ପ୍ରତିନିଧିଭାବେ ଲଣ୍ଡନ ଯାତ୍ରା କରି ୧୯୩୨ ମସିହା ଡିସେମ୍ବର ମାସ ୭ ତାରିଖରେ ତୃତୀୟ ଗୋଲ୍ ଟେବୁଲ ବୈଠକ ଲଣ୍ଡନଠାରେ ଓଡ଼ିଆର ଦାବିକୁ ଯଥାର୍ଥ ଭାବେ ଉପସ୍ଥାପିତ କରିଥିଲେ । ଏଥିରେ ପ୍ରୀତ ହୋଇ ଏହି ପ୍ରତିଭାବାନ ଯୁବକଙ୍କୁ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏକ ଅଭିନନ୍ଦନର ବାର୍ତ୍ତା ଲଣ୍ଡନ ପଠାଇଥିଲେ । ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ପରେ ୧୯୩୯ ମସିହାରେ ଜାତୀୟ ପ୍ରତିରକ୍ଷା ପରିଷଦର ସଭ୍ୟ ହେଲେ, ୧୯୪୩ ମସିହାରେ ଗଞ୍ଜାମର ବାତ୍ୟା ଦୁର୍ଗତଙ୍କୁ ନିଜ ଅର୍ଥକୋଷରୁ ଅନ୍ନ ଓ ବସ୍ତ୍ର ପ୍ରଦାନ, ୧୯୪୫ରେ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଭ୍ୟ ହେଲେ, ୧୯୫୫ ମସିହା ମେ ମାସରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ସର୍ବଭାରତୀୟ କଂଗ୍ରେସ କମିଟିରେ ସକ୍ରିୟ ସହଯୋଗ ଓଡ଼ିଶାର ସ୍ୱାର୍ଥ ସହ ଜାତୀୟ ସ୍ୱାର୍ଥକୁ ମିଶାଇ ସେ ଜବାହରଲାଲ ନେହରୁ, ୟୁ.ଏନ୍.ଧେବର, ଶାସ୍ତ୍ରୀଜୀ, ଗୋବିନ୍ଦ ବଲ୍ଲଭ ପନ୍ଥ ପ୍ରମୁଖଙ୍କୁ ୧୯୫୫ ମସିହା ମେ ମାସ ୧୧ ତାରିଖରେ ରମ୍ଭା ରାଜବାଟୀରେ ଆତିଥ୍ୟ ପ୍ରଦାନ କରି ଓଡ଼ିଶାର ପ୍ରଗତି ତଥା ସୁଦୃଢ଼ ରାଷ୍ଟ୍ର ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ ।

୧୯୫୭ ମସିହାରେ ବିଧାୟକ ତଥା ମନ୍ତ୍ରୀ ପଦ ଗ୍ରହଣ କରି ଅନେକ ଜନହିତକର କାର୍ଯ୍ୟ କଲେ । ସେଥିମଧ୍ୟରୁ ବ୍ରହ୍ମପୁରସ୍ଥ ଖଲ୍ଲିକୋଟ କଲେଜ ସୁପରିଚାଳନା, ହିଞ୍ଜିଳି କଲେଜ ଓ ବିଭିନ୍ନ ହାଇସ୍କୁଲ ଅନ୍ୟତମ । ସେ ମଧ୍ୟ କବିସୂର୍ଯ୍ୟ ନଗର, ଖଲ୍ଲିକୋଟ ଇତ୍ୟାଦି ସ୍ଥାନମାନଙ୍କରେ ବହୁ ଶିକ୍ଷାଳୟ ସ୍ଥାପନ କରିଥିଲେ । ଦେଶ ଗଠନ, ଶିକ୍ଷା, ଚରିତ୍ର ଗଠନ, ଉତ୍ତମ ନାଗରିକ ସୃଷ୍ଟି ତାଙ୍କ ପ୍ରଗତିର ସଠିକ୍ ମାନଦଣ୍ଡ ଥିଲା । ଖଲ୍ଲିକୋଟ ରାଜପ୍ରାସାଦରେ ଚାରୁ କଳା ମହାବିଦ୍ୟାଳୟ ପ୍ରତିଷ୍ଠା ପୂର୍ବକ ସର୍ବପଲ୍ଲୀ ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କୁ ପରିଦର୍ଶନ କରାଇଥିଲେ । ୧୯୬୩ ମସିହା ଜାନୁଆରୀ ମାସ ୨୩ ତାରିଖରେ ଏହି ଉଜ୍ଜ୍ୱଳତମ ଜ୍ୟୋତିଷ୍କ ଉତ୍କଳ ଆକାଶରୁ ଲିଭିଗଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଭିତ୍ତିପ୍ରସ୍ତର ସ୍ଥାପନରେ ଯଥାର୍ଥରେ ରାଜା ରାମଚନ୍ଦ୍ର ଦେଓ ଏବଂ ଖଲ୍ଲିକୋଟ ରାଜବଂଶର ଅବଦାନ ଏକ ସ୍ୱତନ୍ତ୍ର ସ୍ଥାନ ଦାବି କରେ ।

ପୂଜ୍ୟପୂଜା ସାଂସ୍କୃତିକ ପରିଷଦ
ଖଲ୍ଲିକୋଟ, ଗଞ୍ଜାମ


ଆଦିବାସୀ ଝୋଟି